TSIL/SE/2017-18/43

February 17, 2018

Dy. General Manager
BSE Limited
Corporate Relationship Department
P J Towers
Dalal Street
Mumbai – 400 001

The Manager
Listing Department
National Stock Exchange of India Ltd.
Exchange Plaza (5th Floor)
Plot No. C/1, G. Block
Bandra - Kurla Complex
Bandra (E)
Mumbai – 400 051

Dear Sir/ Madam,

Sub: Newspaper advertisement for loss of share certificates

Please find enclosed copies of the advertisement related to notice of loss of share certificates published on February 16, 2018, in newspapers.

This is for your information and record.

Thanking you,

Yours faithfully,
For **Tata Sponge Iron Limited**

Sanjay Kasture
Chief Risk & Compliance Officer
and Company Secretary

Encl: as above

TATA

TATA SPONGE IRON LIMITED

CIN: L27102OR1982PLC001091

APT

Aptus Value Housing

CIN: U65922TN200

8B, 8th Floor, Doshi Towers, 205, P

SAMBAD
ସମ୍ବାଦ

ଭୁବନେଶ୍ୱର/ନୂଆଦିଲ୍ଲୀ,୧୫/୨(ଇମିସ): ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ନିମନ୍ତେ ଜମି ବ୍ୟାଙ୍କ ସୃଷ୍ଟି କରିବେ। ଏହି ବ୍ୟାଙ୍କ ହାତରେ ୧ ହଜାର ଏକର ଜମି ରହିବ। ପର୍ଯ୍ୟଟନର ଅଭିବୃଦ୍ଧି ନିମନ୍ତେ ହୋଟେଲ୍ ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ଘରୋଇ ପୁଞ୍ଜିନିବେଶକାରୀଙ୍କୁ ଆକର୍ଷିତ କରିବା ହେଉଛି ଏହାର ପ୍ରମୁଖ ଆଭିମୁଖ୍ୟ।

ଆଜି ସଚିବାଳୟରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ପର୍ଯ୍ୟଟନ ପରାମର୍ଶଦାତା କମିଟି ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ରାଜ୍ୟରେ ପର୍ଯ୍ୟଟନ କ୍ଷେତ୍ରର ପ୍ରାୟ ୯ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଓଡ଼ିଶାକୁ ବିଗତ ବର୍ଷମାନଙ୍କ ତୁଳନାରେ ଏଥର ଅଧିକ ସଂଖ୍ୟକ ଦେଶୀ ବିଦେଶୀ ପର୍ଯ୍ୟଟକ ଆସୁଛନ୍ତି। ସେଥିପାଇଁ ହୋଟେଲ୍ ଶିଳ୍ପର ଅଭିବୃଦ୍ଧି ଅପରିହାର୍ଯ୍ୟ। ଏହାକୁ ଦୃଷ୍ଟିରେ ରଖି ରାଜଧାନୀ ଭୁବନେଶ୍ୱରରେ ୧୦ଟି ପ୍ଲଟ୍ ଚିହ୍ନଟ କରାଯାଇଛି। ସେଗୁଡ଼ିକୁ ନିଲାମ କରାଯିବ। ଏହାବ୍ୟତୀତ, ଭୁବନେଶ୍ୱର, ପୁରୀ, ଦାରିଙ୍ଗିବାଡ଼ି, କୋରାପୁଟ, ରାୟଗଡ଼ା ଆଦି ସ୍ଥାନମାନଙ୍କରେ ହୋଟେଲ୍ ସ୍ଥାପନ ପାଇଁ ଜମି ଆବଣ୍ଟନ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଥିଲେ।

ବୈଠକର ସୂଚନାନୁସାରେ ୨୦୧୭ରେ ଓଡ଼ିଶାକୁ ୧ କୋଟି ୪୧ ଲକ୍ଷ ୧୧ ହଜାର ୨୪୩ଜଣ ଲକ୍ଷ ପର୍ଯ୍ୟଟକ ଆସିଥିଲେ। ଏଥିମଧ୍ୟରୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ପ୍ରାୟ ୧ ଲକ୍ଷ। ବିଶେଷ କରି ଆମେରିକା, ବ୍ରିଟେନ୍, ଜାପାନ, ଜର୍ମାନୀ, ଇଟାଲି, ଚୀନ, ନେଦରଲ୍ୟାଣ୍ଡ, ଅଷ୍ଟ୍ରେଲିଆ ଦେଶରୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସିଛନ୍ତି। ସେହିପରି ଘରୋଇ ପର୍ଯ୍ୟଟକଙ୍କ ସଂଖ୍ୟାରେ ମଧ ଅଭିବୃଦ୍ଧି ଘଟିଛି।

ଇତି ମଧ୍ୟରେ ରାଜ୍ୟରେ ୩୦ଟି ଜୈବ ପର୍ଯ୍ୟଟନ କ୍ଷେତ୍ରର ବିକାଶ କରାଯାଇଛି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ତରଫରୁ ପର୍ଯ୍ୟଟନର ଅଭିବୃଦ୍ଧି ସଂକ୍ରାନ୍ତ ୭ଟି ଫିଲ୍ମ ପ୍ରସ୍ତୁତ କରାଯାଇଛି। ଗତବର୍ଷ ପ୍ରାୟ ୫୮୫ କୋଟିର ୧୨ଟି ପ୍ରକଳ୍ପ ପ୍ରସ୍ତାବକୁ ସିଙ୍ଗଲ୍ ୱିଣ୍ଡୋ ଅନୁମୋଦନ କମିଟି ମଞ୍ଜୁରି ଦେଇଛି। ପର୍ଯ୍ୟଟନ ସ୍ଥାନଗୁଡ଼ିକରେ ପରିମଳ ବ୍ୟବସ୍ଥା ବଜାୟ ରଖିବା ସହିତ ସେଗୁଡ଼ିକୁ ସଫାସୁତୁରା ରଖିବା ପାଇଁ ମୁଖ୍ୟ ସଚିବ ଶ୍ରୀ ପାଢ଼ୀ ପର୍ଯ୍ୟଟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଗୃହ ବିଭାଗର ଏସିଏସ୍ ଅସୀତ ମହାନ୍ତି, ଅର୍ଥ ବିଭାଗ ପ୍ରମୁଖ ସଚିବ ତୁହିନକାନ୍ତ ପାଣ୍ଡେ, ପର୍ଯ୍ୟଟନ ବିଭାଗର ପ୍ରମୁଖ ସଚିବ ମୋନା ଶର୍ମା, ନିର୍ଦ୍ଦେଶକ ଡ. ନିତିନ୍ ଭାନୁଦାସ ଜୱାଲେ ପ୍ରମୁଖ ଯୋଗ ଦେଇଥିଲେ।

‘ ’

ଭୁବନେଶ୍ୱର,୧୫।୨(ଇମିସ): ଆସନ୍ତା ୨୦୧୯/୨୦ ସୁଦ୍ଧା ପୂର୍ବତଟ ରେଳପଥ ସଂପୂର୍ଣ୍ଣଭାବେ ବିଦ୍ୟୁତକରଣ ହେବ ବୋଲି କହିଛନ୍ତି ପୂର୍ବତଟ ରେଳବାଇର ମହାପ୍ରବନ୍ଧକ ଉମେଶ ସିଂ।

ଆଜି ଜୟଦେବ ଭବନରେ ପେଟ୍ରୋଲିୟମ ସଂରକ୍ଷଣ ଗବେଷଣା ସଂସ୍ଥା ବା ପିସିଆରଏ ପକ୍ଷରୁ ଚାଲିଥିବା ତୈଳ ସଂରକ୍ଷଣ ମାସ ‘ସକ୍ଷମ’ ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀ ସିଂ କହିଲେ, ଭାରତ ଏବେ ବିଶ୍ୱରେ ଦ୍ରୁତ ଗତିରେ ଅଭିବୃଦ୍ଧି କରୁଛି। ଅଭିବୃଦ୍ଧି ପାଇଁ ଶକ୍ତିର ଆବଶ୍ୟକତା ରହିଛି। ମାତ୍ର ବିଶ୍ୱ ଯେତିକି ପରିମାଣର ଶକ୍ତି ରହିଛି ତାହା ଆସନ୍ତା ୫୩.୫ବର୍ଷରେ ଶେଷ ହୋଇଯିବ। ପ୍ରାକୃତିକ ଗ୍ୟାସ ମଧ୍ୟ ଆସନ୍ତା ୬୦ବର୍ଷ ପରେ ପୃଥିବୀରେ ଆଉ ନ ଥିବ। ତେଣୁ ଶକ୍ତିର ସଂରକ୍ଷଣ ପାଇଁ ସମସ୍ତଙ୍କୁ ଯତ୍ନବାନ ହେବାକୁ ପଡ଼ିବ। ପୂର୍ବତଟ ରେଳବାଇ ମଧ୍ୟ ଶକ୍ତିର ସଂରକ୍ଷଣ ପାଇଁ ଅନେକ ପଦକ୍ଷେପ ନେଇଥିବା ଶ୍ରୀ ସିଂ କହିଥିଲେ।

ଆଇଓସିଏଲ୍‌ର ମୁଖ୍ୟ ମହାପ୍ରବନ୍ଧକ ପ୍ରୀତୀଶ ଭରତ କହିଲେ, ଦେଶରେ ୨ଶହ ମିଲିଅନ ମେଟ୍ରିକ ଟନ୍‌ର ପେଟ୍ରୋଲିୟମର ଆବଶ୍ୟକତା ରହିଥିବା ବେଳେ ଦେଶରେ ମାତ୍ର ୬୮ ମିଲିଅନ ମେଟ୍ରିକ ଟନ୍ ଉତ୍ପାଦିତ ହେଉଛି। ବଳକା ପେଟ୍ରୋଲିୟମକୁ ବାହାର ଦେଶରୁ ଆଣିବାକୁ ପଡ଼ୁଛି। ଏଥିପାଇଁ ୫୦-୯୦ ବିଲିଅନ ଡଲାରର ଆମଦାନି ବିଲ୍ ଦେବାକୁ ପଡ଼ୁଛି। ତେଣୁ ଶକ୍ତି ସଂରକ୍ଷଣ କରିବା ଦ୍ୱାରା ବିଦେଶରୁ ଆମଦାନିକୁ ବଞ୍ଚାଇହେବ। ଆଇଓସିଏଲ ପକ୍ଷରୁ ଶକ୍ତି ସଂରକ୍ଷଣ ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଡ୍ରାଇଭରମାନଙ୍କୁ କିଭଳି ଉତ୍ତମ ଢଙ୍ଗରେ ଗାଡ଼ି ଚଳାଇବାକୁ ହେବ ତାହା ଶିକ୍ଷା ଦିଆଯାଉଛି। ନିକଟରେ ରାଜ୍ୟରେ ସାଇକ୍ଲୋଥନ୍ ସହିତ ବାଇ ସାଇକେଲ ଦିବସ, ଟିଭି ଓ ରେଡିଓରେ ସଚେତନତା ବାର୍ତ୍ତା ଦିଆଯାଉଛି ବୋଲି ଶ୍ରୀ ଭରତ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଗେଲ୍‌ର ସିଜିଏମ୍ ଏସ୍.କେ ପାଠକ, ବିପିସିଏଲର ରାଜ୍ୟ ମୁଖ୍ୟ(ରିଟେଲ) ଦେବାଶିଷ ପାଲିତ, ଏଚ୍‌ପିସିଏଲର ମୁଖ୍ୟ ପ୍ରବନ୍ଧକ(ଏଲପିଜି) ଡି.ବେହୁରା, ଆଇଓସିଏଲର ଡିଜିଏମ୍(ଟିଏସ୍) ଏମ୍.କେ ସିହ୍ନା ଓ ପିସିଆରଏର ଅତିରିକ୍ତ ନିର୍ଦ୍ଦେଶକ ଡି.ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ।

ଧାନର ଏଫ୍‌ଏକ୍ୟୁ ମାନ କୋହଳ ନେଇ କଥା କଟାକଟି

ଚାଷୀଙ୍କୁ ଶସ୍ତା ଭାବନି: ମନ୍ତ୍ରୀ ଶ୍ରୀ ପାତ୍ର

ଭୁବନେଶ୍ୱର,୧୫/୨(ଇମିସ): ଅଦିନିଆ ବର୍ଷାରେ ପ୍ରଭାବିତ ଧାନର ଏଫ୍‌ଏକ୍ୟୁ ମାନ କୋହଳ ପ୍ରସଙ୍ଗ ନେଇ କଥା ଉଭୟ ରାଜ୍ୟ ଓ କେନ୍ଦ୍ର ମନ୍ତ୍ରୀଙ୍କ ମଧ୍ୟରେ କଟାକଟି ଚାଲିଛି। ଗତକାଲି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମାଲୋଚନା କରିଥିଲେ। ଆଜି ସେ ନେଇ ଶ୍ରୀ ପ୍ରଧାନଙ୍କ ଉପରେ ବର୍ଷିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର।

ଆଜି ମନ୍ତ୍ରୀ ଶ୍ରୀ ପାତ୍ର କହିଲେ ଯେ ରାଜ୍ୟର ଚାଷୀମାନେ ଶସ୍ତା ନୁହନ୍ତି। ସେମାନଙ୍କଠାରୁ କ୍ୱିଣ୍ଟାଲ୍ ପିଛା ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୧୫୫୦ ଟଙ୍କାରୁ କମ୍ ମୂଲ୍ୟରେ ଆମେ ଧାନ କିଣିବୁନି। ୨୦୧୦ ମସିହାର ଉଦାହରଣ ଦେଇ ସେ କହିଲେ, ସେତେବେଳେ ୩ଟି ଜିଲ୍ଲାରେ ଅନୁରୂପ ପରିସ୍ଥିତି ହୋଇଥିଲା। ଏଣୁ କେନ୍ଦ୍ର ସରକାର ଧାନର ଏଫ୍‌ଏକ୍ୟୁ ମାନ କୋହଳ କରିଥିଲେ। କିନ୍ତୁ ଚାଷୀମାନଙ୍କଠାରୁ ଧାର୍ଯ୍ୟ ଏମ୍‌ଏସ୍‌ପିଠାରୁ କମ୍ ମୂଲ୍ୟରେ ଧାନ କିଣାଯାଇନଥିଲା। ତେବେ ଏ ସଂପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିବେ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଥିଲେ।

କେନ୍ଦ୍ର ସରକାରଙ୍କ କୋହଳ ମାନର ଧାନକୁ ଏମ୍‌ଏସ୍‌ପିଠାରୁ କମ୍ ମୂଲ୍ୟରେ କିଣିବା ନିଷ୍ପତ୍ତିକୁ ରାଜ୍ୟ ସରକାର ପ୍ରତ୍ୟାଖ୍ୟାନ କରିବା ଦୁର୍ଭାଗ୍ୟଜନକ ବୋଲି ଗତକାଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଥିଲେ।

ମୋହନ ଭାଗବତ କ୍ଷମା ମାଗନ୍ତୁ: ଯୁବ କଂଗ୍ରେସ

ଭୁବନେଶ୍ୱର,୧୫/୨(ଇମିସ): ଭାରତୀୟ ସୈନ୍ୟଙ୍କ ଉପରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତଙ୍କ ହୀନ ମନ୍ତବ୍ୟ ପ୍ରତିବାଦରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଆଜି ମାଷ୍ଟର କ୍ୟାଣ୍ଟିନ ଛକରେ ଉଭୟ ପ୍ରଧାନମନ୍ତ୍ରୀ ଓ ମୋହନ ଭାଗବତଙ୍କର କୁଶପୁତଳିକା ଦାହ କରାଯାଇଥିଲା।

ପ୍ରଦେଶ ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥିଙ୍କ ନେତୃତ୍ୱରେ ଏକ ର୍‍ୟାଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ଶ୍ରୀ ମହାରଥି କହିଛନ୍ତି, ଭାରତୀୟ ସୈନ୍ୟଙ୍କର ଶକ୍ତି ଓ ବିଶ୍ୱସନୀୟତା ଉପରେ ମୋହନ ଭାଗବତ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ଭାରତୀୟ ସ୍ଥଳ ସେନାକୁ ଯେଉଁ କାମ କରିବାକୁ ୬ରୁ ୭ ମାସ ଲାଗିଥାଏ, ତାହାକୁ ସଂଘ ପରିବାର ୩ ଦିନ ମଧ୍ୟରେ କରିପାରିବ ବୋଲି ମୋହନ ଭାଗବତ ଯେଉଁ ବାହାସ୍ଫୋଟ ମାରିଛନ୍ତି, ତାହା ସଂଘ ପରିବାରର ମନୋବଳ ବୃଦ୍ଧି କରିପାରେ, ମାତ୍ର ଦେଶପାଇଁ କ୍ଷତିକାରକ। ଭାରତୀୟ ସେନା ନିକଟରେ ମୋହନ ଭାଗବତ ସର୍ବସମ୍ମୁଖରେ କ୍ଷମାପ୍ରାର୍ଥନା କରିବା ପାଇଁ ପ୍ରଦେଶ ଯୁବ କଂଗ୍ରେସ ଦାବି କରିଛି। ଏହି କାର୍ଯ୍ୟକ୍ରମରେ ସେଖ୍ ଅମିର ମହମ୍ମଦ, ରଞ୍ଜିତ ପାତ୍ର, ଦେବାଶିଷ ମହାପାତ୍ର, ସ୍ୱାଗତ କର, ସଂକୁନା କହଁର, ୟାସିର ନୱାଜ, ସୌମ୍ୟଜିତ ମିଶ୍ର, ବିରଞ୍ଚି ବାରିକ, ଲାଲା ପଠାନ, ବାବୁନି ରାଉଳ, ଶିବଦତ୍ତ ମହାନ୍ତି, ସାଗର ପଟ୍ଟନାୟକ, ସୟଦ ଫାରୁକ ଅଲ୍ଲୀ, ମହାଫିଜ ଖାନ, ପ୍ରମୁଖ ଅଂଶଗ୍ରହଣ କରିଥିଲେ।

କଟାକ୍ଷ

କିଶୋର

-

....

....

....

ଓ

ପିପିଲି, ୧୫/୧(ଇମିସ): ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ଗୁଡ଼ିଆପୋଖରୀ ଛକ ନିକଟରେ ଜଣେ ଯୁବକଙ୍କ କଟୁରି ଚୋଟରେ ଭୁବନେଶ୍ୱର ବେସିକ୍ ସାଇନ୍ସ କଲେଜର ଯୁକ୍ତ ୩ର ଜଣେ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ପୁଲିସ ଏହି ଘଟଣାରେ ଅଭିଯୁକ୍ତ ବାଲକାଟି ଅଞ୍ଚଳର ଶୁଭ୍ରାଂଶୁ ମହାନ୍ତି(୨୬)କୁ ଗିରଫ କରିଛି। ବେସିକ୍ ସାଇନ୍ସ କଲେଜରେ ପଢ଼ୁଥିବା ଭୁବନେଶ୍ୱର ପଟିଆ ଅଂଚଳର ଅଭିଷେକ ଦାସ(୨୨) ଗୁଡ଼ିଆପୋଖରୀ ନିକଟରେ ଏକ ଦୋକାନରେ ତାଙ୍କର ଜଣେ ସାଥୀଙ୍କ ସହ ବସିଥିବାବେଳେ ଶୁଭ୍ରାଂଶୁ ନିଶାଶକ୍ତ ଅବସ୍ଥାରେ ସେଠାରେ ପହଞ୍ଚି କଟୁରିରେ ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ଅଭିଷେକଙ୍କ ମୁଣ୍ଡ ଓ ହାତରେ ଗୁରୁତର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ପରେ ସେଠାରୁ ଏକ ଘରୋଇ ହସ୍ପିଟାଲକୁ ତାଙ୍କୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରାଯାଉଛି ବୋଲି ଥାନା ଅଧିକାରୀ ଶରତ ଚନ୍ଦ୍ର ସାହୁ କହିଛନ୍ତି।

% ୍

ଭୁବନେଶ୍ୱର,୧୫/୨(ଇମିସ): ଉଚ୍ଚତର ବୈଷୟିକ ଶିକ୍ଷା ଓ ବୃତ୍ତିଗତ ଶିକ୍ଷା ପ୍ରତିଷ୍ଠାନରେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ଏଣିକି ଭିନ୍ନକ୍ଷମଙ୍କ ପାଇଁ ୫% ସଂରକ୍ଷଣ ରହିବ। ଆସନ୍ତା ୨୦୧୮-୧୯ ଶିକ୍ଷାବର୍ଷରୁ ଏହି ସଂରକ୍ଷଣ ଲାଗୁ ହେବ। ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଆଇନ-୨୦୧୬ ଅନୁଯାୟୀ ଏହି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବ ବୋଲି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଭିନ୍ନକ୍ଷମଙ୍କ ପାଇଁ ୩% ସଂରକ୍ଷଣ ବ୍ୟବସ୍ଥା ଥିଲା।

ଭୁବନେଶ୍ୱର,୧୫।୨(ଇମିସ): ସିଡିପିଓ ସୌଦାମିନୀ ମିଶ୍ରଙ୍କ କଟକ ସଦର ପ୍ରକଳ୍ପକୁ ପୁନଃ ବଦଳି ନିଷ୍ପତ୍ତିକୁ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ବିରୋଧ କରିଛି। ଏହି ବଦଳି ନିଷ୍ପତ୍ତିକୁ ବାତିଲ କରାନଗଲେ ଚଳିତ ଫେବୃଆରି ମାସ ୧୯ ତାରିଖରୁ ଲୋୟର ପିଏମ୍‌ଜିରେ ଧାରଣା ଦିଆଯିବ ବୋଲି ସଂଘ ସୂଚନା ଦେଇଛି। ଏଆଇଟିୟୁସି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ବିଜୟ ଜେନା କହିଛନ୍ତି, ଶ୍ରୀମତୀ ମିଶ୍ରଙ୍କ କଟକ ସଦର ପ୍ରକଳ୍ପରେ ୨୨ ମାସ କାର୍ଯ୍ୟକାଳ ମଧ୍ୟରେ ଅର୍ଥ ଆତ୍ମସାତ, କର୍ମୀମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହଇରାଣ କରିବା , ଦରମା ବନ୍ଦ କରିବା ଆଦି କାରଣରୁ ତାଙ୍କୁ ବଦଳି କରାଯାଇଥିଲା। ସେ ବଦଳି ହୋଇଥିବା ସ୍ଥାନରେ ଯୋଗ ଦେଲେ ନାହିଁ କିମ୍ବା ତାଙ୍କ ସ୍ଥାନରେ ଆସିଥିବା ସିଡିପିଓଙ୍କୁ ଦାୟିତ୍ୱ ହସ୍ତାନ୍ତର କଲେ ନାହିଁ। ପୁଣିଥରେ ଗତ ଜାନୁଆରି ମାସରେ କଟକ ସଦର ପ୍ରକଳ୍ପକୁ ବଦଳି ହୋଇ ଆସିଛନ୍ତି। ତାଙ୍କ ପୁନଃ ବଦଳି ନିର୍ଦ୍ଦେଶନାମାକୁ ତୁରନ୍ତ ବାତିଲ କରିବାକୁ ଅଙ୍ଗନୱାଡ଼ି କର୍ମୀ ସଂଘ ଦାବି କରିଛି। ଅନ୍ୟମାନଙ୍କ ମଧ୍ୟରେ ବାସନ୍ତୀ ସ୍ୱାଇଁ, ବୀଣାପାଣି ସାହୁ ଓ ଉଜ୍ଜୟିନୀ ଦୀକ୍ଷିତ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

ଆନ୍ଦୋଳନକୁ ଓହ୍ଲାଇବ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ

ଭୁବନେଶ୍ୱର,୧୫।୨(ଇମିସ): ଶିକ୍ଷକ ସମାଜ ଏବଂ ଶିକ୍ଷା ପ୍ରତି ବୈମାତୃକ ମନୋଭାବ ପ୍ରତିବାଦରେ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ(ନୂତନ ପେନ୍‌ସନ୍ ଯୋଜନାଭୁକ୍ତ)। ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ଯେ ନ୍ୟାଯ୍ୟ ଦାବି ହାସଲ ଲାଗି ଗତ ନଭେମ୍ବର ୮ରେ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ମାତ୍ର ରାଜ୍ୟ ସରକାର ଚକ୍ରାନ୍ତକତା କରି ଆନ୍ଦୋଳନକୁ ଭାଙ୍ଗି ଦେଇଥିଲେ। ଏକ ଉଚ୍ଚସ୍ତରୀୟ କମିଟିରେ ଆଲୋଚନା କରି ଦାବି ପୂରଣ ନେଇ ନଭେମ୍ବର ୩୦ ସୁଦ୍ଧା ଘୋଷଣା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ଅଢ଼େଇ ମାସ ବିତିଯାଇଥିଲେ ମଧ କୌଣସି ସୁଫଳ ମିଳିନି। ଆସନ୍ତା ୭ ଦିନ ମଧ୍ୟରେ ରାଜ୍ୟ ସରକାର ଦାବି ପୂରଣ ନ କଲେ ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘ ସଭାପତି ଶ୍ରୀ ମହାରଣାଙ୍କ ସମେତ ସମ୍ପାଦକ ବଙ୍କିମ ଚନ୍ଦ୍ର ସାଗର, ଉପସଭାପତି ମାଳବିକା ଦାସ, ମହାସଚିବ ସୁଶାନ୍ତ କୁମାର ବେହେରା, କୋଷାଧ୍ୟକ୍ଷ ଗୋପାଳ କିଶୋର ସେନ, ଯୁଗ୍ମ ସାଧାରଣ ସମ୍ପାଦକ ପ୍ରବୀଣ ଦାସ ପ୍ରମୁଖ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି।

,

ରାଇସୁଙ୍ଗୁଡ଼ା/ସାଲେପୁର,୧୫।୨(ଇମିସ): କଟକ ଜିଲ୍ଲା ସାଲେପୁର ବ୍ଲକ୍ ରାଇସୁଙ୍ଗୁଡ଼ା ଜାଗର ଯାତ୍ରାରେ ସର୍‌ବତ୍ ପିଇ ୧୮୦ ରୁ ଅଧିକ ଲୋକ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ୨୦ରୁ ଅଧିକ ଲୋକଙ୍କ ଅବସ୍ଥା ଗୁରୁତର ଥିବା ବେଳେ ସେମାନଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ରାଇସୁଙ୍ଗୁଡ଼ା ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ମହାଶିବରାତ୍ରୀ ଅବସରରେ ଖୋଲିଥିବା ସର୍‌ବତ୍ ଦୋକାନରୁ ସର୍‌ବତ୍ ପିଇ ଏଭଳି ଘଟିଥିବା ଅଭିଯୋଗ ହୋଇଛି। ଗତକାଲି ବିଳମ୍ବିତ ରାତିରୁ ସର୍‌ବତ୍ ପିଇଥିବା ବହୁ ଶ୍ରଦ୍ଧାଳୁଙ୍କର ପେଟ କାମୁଡ଼ିବା, ତରଳ ଝାଡ଼ାହେବା, ଜ୍ୱରହେବା ସହ ମୂର୍ଚ୍ଛା ହୋଇପଡ଼ିବା ଭଳି ଅବସ୍ଥା ସୃଷ୍ଟି ହୋଇଥିଲା। ପରିବାର ଲୋକେ ଆତଙ୍କିତ ହୋଇ ସେମାନଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ରାଇସୁଙ୍ଗୁଡ଼ା, ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସରବତ୍‌ରେ ଅତ୍ୟଧିକ ରଙ୍ଗ ଯୋଗୁଁ ଫୁଡପଏଜନ୍ ହୋଇ ଏଭଳି ଅଘଟଣା ଘଟିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଶ୍ୱ କଲ୍ୟାଣ ପଟ୍ଟନାଏକ ସୂଚନା ଦେଇଛନ୍ତି। ସରବତ୍ ଦୋକାନୀ ପ୍ରଭାକରଙ୍କୁ ଅଟକ ରଖାଯାଇଛି।

୨ ...

....

ଏକମାତ୍ର ରାଜ୍ୟ ଥିଲା। ଏବେ ଆଉ ଏକ ପ୍ରଥମ ସଂଯୋଗ କରିଛୁ। ଗତବର୍ଷ ବିଶ୍ୱ ହକି ଲିଗ୍ ଫାଇନାଲ୍‌ର ସଫଳ ଆୟୋଜନ ପରେ ଆସନ୍ତା ନଭେମ୍ବରରେ ହେବାକୁ ଥିବା ବିଶ୍ୱକପ୍ ହକି ମଧ୍ୟ ଓଡ଼ିଶା ନାମରେ ହେବା ଫଳରେ ଭାରତୀୟ ହକିର ସ୍ୱର୍ଣ୍ଣିମ ଅଧ୍ୟାୟ ସହିତ ଓଡ଼ିଶା ଭାଗୀଦାର ରହିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହାଛଡ଼ା ମୁଖ୍ୟମନ୍ତ୍ରୀ ଦେଶର ସମସ୍ତ ହକିପ୍ରେମୀଙ୍କୁ ପରିବାର ସହ ଭୁବନେଶ୍ୱର ବିଶ୍ୱକପ୍‌କୁ ନିମନ୍ତ୍ରଣ କରିଥିଲେ।

ଏହି ଅବସରରେ ଅନ୍ତର୍ଜାତୀୟ ହକି ସଂଘ ତଥା ଭାରତୀୟ ଅଲିମ୍ପିକ୍ ସଂଘର ସଭାପତି ନରିନ୍ଦର ଧ୍ରୁବ ବାତ୍ରା ଓଡ଼ିଶା ଓ ଓଡ଼ିଶା ସରକାରଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ଭୁବନେଶ୍ୱରକୁ ଦେଶର କ୍ରୀଡ଼ା ରାଜଧାନୀ ମାନ୍ୟତା ଦେବାଲାଗି ଯଥେଷ୍ଟ କାରଣ ରହିଛି ବୋଲି ଉଲ୍ଲେଖ କରି ସେ କହିଥିଲେ ଯେ ଦିଲ୍ଲୀ ଦେଶର ରାଜଧାନୀ, ବାଙ୍ଗାଲୋର୍ ଆଇଟି ରାଜଧାନୀ, ମୁମ୍ବାଇ ବ୍ୟବସାୟିକ ରାଜଧାନୀ ନିଶ୍ଚିତ। ସେହି ହିସାବରେ ଭୁବନେଶ୍ୱର ଦେଶର କ୍ରୀଡ଼ା ରାଜଧାନୀ ହେବାରେ କୌଣସି ଗୁଣରେ କମ୍ ନାହିଁ। ଭୁବନେଶ୍ୱରରେ କ୍ରୀଡ଼ା ଭିତ୍ତିଭୂମି କ୍ରମେ ଉନ୍ନତମାନର ହେବାରେ ଲାଗିଛି। ଦୌଡ଼କୁଦ ପାଇଁ ହାଇପରପର୍ଫର୍ମାନ୍ସ କେନ୍ଦ୍ର ହେବାକୁ ଯାଉଛି। ଚଳିତବର୍ଷର ନଭେମ୍ବର ଡିସେମ୍ବର ହକି ବିଶ୍ୱକପ୍ ପାଇଁ ମଧ୍ୟ ଭିତ୍ତିଭୂମି କାମର ଉନ୍ନତୀକରଣ କରାଯାଉଛି। ‘ଓଡ଼ିଶା ହକି ବିଶ୍ୱକପ୍’ର ଉଦ୍‌ଘାଟନୀ ଉତ୍ସବ ପ୍ରତିଯୋଗିତାର ଗୋଟିଏ ଦିନ ପୂର୍ବରୁ ଅଲିମ୍ପିକ୍ ଶୈଳୀରେ ହେବ ବୋଲି ମଧ୍ୟ ବାତ୍ରା ଘୋଷଣା କରିଥିଲେ।

ଏସ୍‌ସିବି ମେଡିକାଲ୍ କର୍ମଚାରୀଙ୍କୁ ସଂଶୋଧିତ ଦରମା ପ୍ରସଂଗ

କଟକ, ୧୫।୨ (ଇମିସ): ଏସ୍‌ସିବି ମେଡିକାଲରେ କେତେକ କର୍ମଚାରୀଙ୍କ ଦରମା ନିର୍ଦ୍ଧାରଣରେ ବ୍ୟାପକ ଅନିୟମିତତା କରାଯାଇଥିବା ବେଳେ ଅନ୍ୟ କେତେକଙ୍କୁ ସେମାନଙ୍କ ଯୋଗ୍ୟତା ଆଧାରରେ ସଂଶୋଧିତ ଦରମା ପ୍ରଦାନରେ ଅବହେଳାକୁ ନେଇ ହୋଇଥିବା ଅଭିଯୋଗ ଉପରେ ନିଷ୍ପତ୍ତି ନେବାକୁ ସ୍ୱାସ୍ଥ୍ୟ ସଚିବଙ୍କୁ ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲ(ସ୍ୟାଟ୍) ନିର୍ଦ୍ଦେଶ ଦେଇଛନ୍ତି। ସ୍ୟାଟ୍‌ର ବିଚାର ବିଭାଗୀୟ ସଦସ୍ୟ ଜ୍ଞାନ ରଞ୍ଜନ ପୁରୋହିତଙ୍କୁ ନେଇ ଗଠିତ ଖଣ୍ଡପୀଠ ଜୟଦେବ ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ଏ ସଂପର୍କିତ ଅଭିଯୋଗ ଉପରେ ୨ ମାସ ଭିତରେ ନିଷ୍ପତ୍ତି ନେବାକୁ ସ୍ୱାସ୍ଥ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଧୂଳିରାମ ପଟ୍ଟନାୟକ ଓ ନିରଂଜନ ବିଶ୍ୱାଳ ମାମଲା ପରିଚାଳନା କରୁଥିଲେ।

ଓ

ସମ୍ବଲପୁର, ୧୫।୨ (ଇମିସ): ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନଙ୍କ ସରକାରୀ ବାସଭବନ ଉପରେ ହୋଇଥିବା ଆକ୍ରମଣକୁ ରାଜ୍ୟ ପଞ୍ଚାୟତିରାଜ କ୍ଷେତ୍ର ଅଧିକାରୀ ସଂଘ ତୀବ୍ର ନିନ୍ଦା କରିଛି। ଏହା ଗଣତନ୍ତ୍ର ବିରୋଧୀ, ଅମାନବୀୟ, ଅଶୋଭନୀୟ ଏବଂ ଦୁର୍ଭାଗ୍ୟଜନକ ବୋଲି କହିବା ସହ ରାଜ୍ୟରେ ଏହାର ପୁନରାବୃତ୍ତି ଯେପରି ନଘଟେ ସେଥିପ୍ରତି ସରକାର ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଦରକାର ବୋଲି ସଂଘର ସଭାପତି ମାଲେଶ୍ୱର କୁମ୍ଭାର କହିଛନ୍ତି।

ଭୁବନେଶ୍ୱର,୧୫/୨(ଇମିସ): ବିଜେପୁର ଉପନିର୍ବାଚନରେ ଜିତିବା ପାଇଁ ବିଜେଡି ମଦ ମାଫିଆଙ୍କ ଟଙ୍କା ଲଗାଇଛି ବୋଲି ବିଜେପି ଅଭିଯୋଗ କରିଛି। ଏ ନେଇ ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଆଜି ଫେରାଦ ହୋଇଛି। ବିଜେପି ପକ୍ଷରୁ କୁହାଯାଇଛି, ଗତକାଲି ବିଜେଡିର ଜଣେ ନେତା ବିଜେପୁରରେ ଟଙ୍କା ବାଣ୍ଟିବା ପାଇଁ ଯାଉଥିଲା ବେଳେ ପୁଲିସ୍ ହାତରେ ଧରାପଡ଼ିଥିଲେ। ସେ ଗାଡ଼ିର ମାଲିକ ହେଉଛନ୍ତି ଗଞ୍ଜାମର ଜଣେ ବେନାମୀ ମଦ ବେପାରୀ। ଧରାପଡ଼ିଥିବା ବିଜେଡି ନେତା ଏହି ମଦ ବେପାରୀଙ୍କ ସମ୍ପର୍କୀୟ। ସେ ଲକ୍ଷ ଲକ୍ଷ ଟଙ୍କା ଗାଡ଼ିରେ ନେଇ ଯାଉଥିଲେ ବି ପୁଲିସ୍ ତାଙ୍କୁ ଗିରଫ ନ କରି ଛାଡ଼ିଦେଇଛି। ଜିଲ୍ଲା ପୁଲିସ୍ ଶାସକ ଦଳର ହାତବାରିସୀ ହୋଇ କାମ କରୁଛି। ଏହା ନିର୍ବାଚନର ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଛି ବୋଲି ବିଜେପି ଅଭିଯୋଗ କରିଛି। ଆଜି ଦଳର ମୁଖପାତ୍ର ସଜ୍ଜନ ଶର୍ମାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନିର୍ବାଚନ ଅଧିକାରୀଙ୍କୁ ଭେଟିଥିଲେ।

ସହବାସରେ ସମସ୍ୟା
www.pushpaclinic.com
Lady Doctors are

TATA
ଟାଟା ସ୍ପଞ୍ଜ ଆଇରନ ଲିମିଟେଡ୍
ସିଆଇଏନ:L27102OR1982PLC001091
ପଞ୍ଜିକୃତ କାର୍ଯ୍ୟାଳୟ: ପୋଷ୍ଟ ଜୋଡ଼ା, ଜିଲ୍ଲା କେନ୍ଦୁଝର, ଓଡ଼ିଶା-୭୫୮୦୩୪, ଭାରତ
ଟେଲିଫୋନ: ୯୧୬୭୬୭୨୭୮୧୭୮, ଫାକ୍ସ: ୯୧୬୭୬୭୨୭୮୧୨୯
ଇମେଲ:investorcell@tatasponge.com, ୱେବସାଇଟ:www.tatasponge.com

ସେୟାର ପ୍ରମାଣପତ୍ର ହଜିଯିବା ସମ୍ବନ୍ଧରେ ନୋଟିସ

କମ୍ପାନୀର ନିମ୍ନଲିଖିତ ସେୟାର ପ୍ରମାଣପତ୍ର (ସମୂହ) ହଜିଯିବା/ମିଳୁ ନଥିବା ଜଣାଯାଇଛି ଏବଂ କଥିତ ସେୟାର ପ୍ରମାଣପତ୍ର (ସମୂହ)ର ଧାରକ (ସମୂହ) ମାନେ କମ୍ପାନୀକୁ ଡୁପ୍ଲିକେଟ୍ ସେୟାର ପ୍ରମାଣପତ୍ର (ସମୂହ) ଜାରି କରିବା ପାଇଁ ଅନୁରୋଧ କରିଛନ୍ତି।
ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କଥିତ ନୋଟିସ ପ୍ରକାଶିତ ତାରିଖ ଠାରୁ ୧୫ ଦିନ ମଧ୍ୟରେ କମ୍ପାନୀ ନିକଟରେ ଯଦି କୌଣସି ଉପଯୁକ୍ତ ପ୍ରତିବାଦ ନମିଳେ ତେବେ ନିମ୍ନଲିଖିତ ବ୍ୟକ୍ତି (ସମୂହ)ଙ୍କୁ ଡୁପ୍ଲିକେଟ୍ ସେୟାର ପ୍ରମାଣପତ୍ର (ସମୂହ) ଜାରିକରିବା ପାଇଁ କମ୍ପାନୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଡୁପ୍ଲିକେଟ୍ ସେୟାର ପ୍ରମାଣପତ୍ର ଜାରି ହେବା କ୍ରମରେ ଅସଲି ସେୟାର ପ୍ରମାଣପତ୍ର (ସମୂହ) ପାଇଁ କମ୍ପାନୀ ଆଉ କୌଣସି ଦାବି ଗ୍ରହଣ କରିବ ନାହିଁ।

ସେୟାରଧାରୀଙ୍କ ନାମ	ଫୋଲିଓ ନଂ	ପ୍ରମାଣପତ୍ର ନଂ	ଭିନ୍ନ ନଂ ଠାରୁ	ଭିନ୍ନ ନଂ ପର୍ଯ୍ୟନ୍ତ	ସେୟାର ସଂଖ୍ୟା
ପଦ୍ମାକର ଦେଶପାଣ୍ଡେ	IPP0000276	00067621	9500551	9500600	150
		00067622	9500601	9500650	
		00067623	9500651	9500700	
ରଞ୍ଜନ ପଦ୍ମାକର	IPR0002573	00082528	10245901	10245950	150
		00082529	10245951	10246000	
		00082530	10246001	10246050	
ଶଶିକଳା ଦେଶପାଣ୍ଡେ	IPS0003201	00095431	10891051	10891100	150
		00095432	10891101	10891150	
		00095433	10891151	10891200	
ରାଜେଶ କୋଠାରୀ	IPA0004991	00045577	8398351	8398400	50

ଯଦି କୌଣସି ବ୍ୟକ୍ତିଙ୍କ କଥିତ ପ୍ରମାଣପତ୍ର (ସମୂହ) ଉପରେ କିଛି ଦାବି ରହିଥାଏ ତେବେ ସେ ତାଙ୍କର/ସେମାନଙ୍କର ଦାବିକୁ ସହାୟକ ନଥିପତ୍ର ସହିତ କମ୍ପାନୀର ପଞ୍ଜିକୃତ କାର୍ଯ୍ୟାଳୟରେ ଦାଖଲ କରିବା ଆବଶ୍ୟକ। ଏହି ନୋଟିସ ପ୍ରକାଶ ପାଇବା ଠାରୁ ୧୫ ଦିନ ମଧ୍ୟରେ ଯଦି କୌଣସି ବୈଧ ଏବଂ ଉପଯୁକ୍ତ ଦାବି ଗ୍ରହଣ ନହୁଏ ତେବେ କମ୍ପାନୀ ଉପରୋକ୍ତ ତାଲିକାରେ ଥିବା ବ୍ୟକ୍ତିଙ୍କୁ ଡୁପ୍ଲିକେଟ ସେୟାର ପ୍ରମାଣପତ୍ର (ସମୂହ) ଜାରି କରିବା ପାଇଁ ନିଷ୍ପତ୍ତି ନେବ ଏବଂ ପରବର୍ତ୍ତି କ୍ଷେତ୍ରରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ଠାରୁ ଦାବିକୁ ଆଉ ଗ୍ରହଣ କରିବ ନାହିଁ।

ଟାଟା ସ୍ପଞ୍ଜ ଆଇରନ ଲିମିଟେଡ୍‌ଙ୍କ ପକ୍ଷରୁ
ସ୍ୱା/- ସଞ୍ଜୟ କସ୍ତୁରେ
ମୁଖ୍ୟ ରିସ୍କ ଏବଂ କମ୍ପ୍ଲାୟାନସ ଅଧିକାରୀ
ଏବଂ କମ୍ପାନୀ ସେକ୍ରେଟାରୀ
୧୫ ଫେବୃଆରୀ ୨୦୧୮
ଜୋଡ଼ା, ଓଡ଼ିଶା

ପୁରୀ ଅର୍ବାନ କୋଃ ଅପରେଟିଭ୍ ବ୍ୟାଙ୍କ ଲିଃ, ପୁରୀ
ବଡଦାଣ୍ଡ ଶାଖା, ପୁରୀ
ବନ୍ଧକ ସୁନା ଗହଣା ନିଲାମ ନୋଟିସ୍

ଏତଦ୍ୱାରା ସୁନାବନ୍ଧକ ଋଣ ଗ୍ରହିତା ଓ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ... ଋଣ ଗ୍ରହିତାମାନେ ... କରିଥିବା ସୁନାବନ୍ଧକ ... ତା.୦୧.୦୧.୨୦୧୭ ରିଖ ସୁଦ୍ଧା ଶାଖା କାର୍ଯ୍ୟାଳୟରୁ ଗ୍ରହଣ ... ସୁଦ୍ଧା ସେମାନଙ୍କର ଋଣ ପରିଶୋଧ ନକରନ୍ତି ତେବେ ସେମାନଙ୍କ ... ସମୟ ଅନୁଯାୟୀ ସର୍ବ... ଗୁଡ଼ିକ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟରେ ନିମ୍ନଲିଖିତ ତାରିଖ ... ୧୦ଗ୍ରାମ ସୁନା ପ୍ରତି ... ସାଧାରଣରେ ପ୍ରକାଶ୍ୟ ନିଲାମ କରାଯିବ । ନିଲାମ ସମୟରେ ... ନିଲାମ ପରେ ... ଏହା ଉପରେ କୌଣସି ଆପତ୍ତି ଅଭିଯୋଗ ... ଶୁଣାଯିବ ନାହିଁ । ... ଖିତ ଦିବସ ଗୁଡ଼ିକରେ ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ନିମ୍ନଲିଖିତ ... ବର୍ତ୍ତିରୁ ଟ:୧୦,୦୦୦/- ବ୍ୟାଙ୍କରେ ଉପସ୍ଥିତ ରହି ନିଲାମର ନିର୍ଦ୍ଧାରିତ ସମୟ ପୂର୍ବରୁ ... ଧରିଥିବା ବ୍ୟକ୍ତି ନିଲାମ (ଦଶହଜାର ଟଙ୍କା) ମାତ୍ର ଅମାନତ ଦାଖଲ କରିବେ । ନିଲାମ ... ଙ୍କରେ ଜମା କରିବେ । ପରିମାଣର ସମସ୍ତ ଟଙ୍କା କିମ୍ବା ୧/୪ ଅଂଶ ଟଙ୍କା ଉକ୍ତ ଦିନ ବ୍ୟାଙ୍କରେ ... ଅବଶିଷ୍ଟ ଟଙ୍କା ୩ ଦିନ ମଧ୍ୟରେ ବ୍ୟାଙ୍କରେ ଜମା ଦେଇ ଗହଣା ... କରି ନପାରନ୍ତି ତେବେ ଜମା ଦେଇଥିବା ସମସ୍ତ ... ଧାର୍ଯ୍ୟ ସମୟ ଭିତରେ ଟଙ୍କା ଦାଖଲ ... ଉକ୍ତ ନିଲାମ ପରେ ଗହଣା ଗୁଡ଼ିକର ଗୁଣାତ୍ମକ ... ଟଙ୍କା ବାଜ୍ୟାପ୍ତି କରାଯିବ । ପ୍ରକାଶ ଥାଉ ... ଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ରଦ୍ଦ, ସ୍ଥଗିତ କିମ୍ବା ପରିବର୍ତ୍ତନ ... ନିଲାମ ତାରିଖ ଓ ସମୟ ବ୍ୟାଙ୍କ ...

ଶ୍ରୀ ... ଶାଖା ପରିଚାଳକ
ପୁରୀ ଅର୍ବାନ କୋଃ ଅପରେଟିଭ ବ୍ୟାଙ୍କ ଲିଃ, ପୁରୀ
ବଡଦାଣ୍ଡ, ପୁରୀ

ଋଣ ନଂ.	ଋଣ ଗ୍ରହୀତାଙ୍କ ନାମ	ନିଲାମ ତାରିଖ ଓ ସମୟ	କ୍ର.ନଂ
୨୧୪୬୫	ପଦ୍ମ ଚରଣ ମଲ୍ଲିକ	ତା ୧୯.୦୨.୨୦୧୮, ଅପରାହ୍ନ ୩ ଘଟିକା	୧
୨୪୮୨୧	ପଦ୍ମ ଚରଣ ମଲ୍ଲିକ	-do-	୨
୨୫୪୬୫	ଦୀଲିପ କୁମାର ପଲେଇ	-do-	୩
୨୫୭୦୫	ଜଗନ୍ନାଥ ଦାଶ	-do-	୪
୨୫୭୧୩	ମିଟୁ ଜେନା	-do-	୫
୨୫୭୧୭	ରଘୁନାଥ ସାହୁ	-do-	୬
୨୫୭୩୯	ସୁବାଷ ଚନ୍ଦ୍ର ଦାସ	-do-	୭
୨୫୭୬୨	ପ୍ରଦୀପ କୁମାର ନାୟକ	-do-	୮
୨୫୮୪୩	କୃଷ୍ଣପ୍ରିୟା ମହାପାତ୍ର	-do-	୯
୨୫୯୪୫	ରମେଶ ଚନ୍ଦ୍ର ସାହୁ	-do-	୧୦
୨୬୦୩୨	ସଂଜୟ କୁମାର ଦାଶ	-do-	୧୧
୨୬୧୮୭	ଅଞ୍ଜନା ରଥ	-do-	୧୨
୨୬୨୧୭	ନୃସିଂହ ଚରଣ ପରିଡ଼ା	-do-	୧୩
୨୬୨୪୭	ରୀନା ସାହୁ	-do-	୧୪
୨୬୨୫୬	ଜୋସେଫ୍ ଜେନା	-do-	୧୫
୨୬୨୬୮	କୃଷ୍ଣ ଚନ୍ଦ୍ର ସେଠୀ	-do-	୧୬
୨୬୨୮୨	ପ୍ରସନ୍ନ ଆଚାର୍ଯ୍ୟ	-do-	୧୭
୨୬୩୦୫	ଭୀମସେନ ପରିଡ଼ା	-do-	୧୮
୨୬୩୧୯	ପ୍ରସନ୍ନ କୁମାର ମିଶ୍ର	ତା ୨୦.୦୨.୨୦୧୮, ଅପରାହ୍ନ ୩ ଘଟିକା	୧୯
୨୬୩୬୮	ସନ୍ତୋଷ କୁମାର ମହାପାତ୍ର	-do-	୨୦
୨୬୩୯୪	ତଲୁଛ ଜନାର୍ଦ୍ଦନ ମହାପାତ୍ର	-do-	୨୧
୨୬୫୧୮	ଦିବାକର ମହାରଣା	-do-	୨୨
୨୬୫୬୭	ଉପେନ୍ଦ୍ର ଲେଙ୍କା	-do-	୨୩
୨୬୫୭୩	ଟୁକୁ ପ୍ରଧାନ	-do-	୨୪
୨୬୬୨୫	ଧୀରେନ୍ଦ୍ର କୁମାର ମହାନ୍ତି	-do-	୨୫
୨୬୬୪୯	ନମିତା ମହାରଣା	-do-	୨୬
୨୬୬୬୦	ରାଜେନ୍ଦ୍ର ମୁଦୁଲି	-do-	୨୭
୨୬୬୬୩	ପ୍ରଶାଦିନୀ ମହାପାତ୍ର	-do-	୨୮
୨୬୭୦୨	ସତ୍ୟ ନାରାୟଣ ମହାପାତ୍ର	-do-	୨୯
୨୬୭୨୬	ଶ୍ରୀମତୀ ରଣସିଂ	-do-	୩୦
୨୬୭୩୮	ଜୟଲକ୍ଷ୍ମୀ ରାଣା	-do-	୩୧
୨୬୭୪୩	ଦେବାଶିଷ ପଣ୍ଡା	-do-	୩୨
୨୬୮୦୮	ଶ୍ରୀମତୀ ରଣସିଂ	-do-	୩୩
୨୬୮୭୩	ଅନାମ ଚରଣ ମୁଦୁଲି	-do-	୩୪
୨୬୮୮୭	ଗୋବିନ୍ଦ ସାଗର ନାଇଡୁ	-do-	୩୫
୨୬୯୦୦	କିଶୋର କୁମାର ସାହୁ	-do-	୩୬
୨୬୯୭୩	ପଦ୍ମାଳୟା ପାଣ୍ଡେ	-do-	୩୭